ଶିରୋମଣି ଗୁରୁଦ୍ୱାର ପ୍ରବନ୍ଧକ କମିଟି

ବନାମ

ଯଶୱନ୍ତ ସିଂ

ସେପ୍ଟେମ୍ବର 4,1996

[କେ. ରାମାସ୍ୱାମୀ ଏବଂ ଫୈଜାନ ଉଦ୍ଦିନ, ନ୍ୟାୟମୂର୍ତ୍ତିଦ୍ୱୟ]

*ଦେୱାନୀ ପ୍ରକ୍ରିୟା ସଂହିତା, 1908 :*

*ଆଦେଶ 6, ନିୟମ 17 – ଲିଖିତ ବିବୃତିର ସଂଶୋଧନ – ବିଚାର ଶେଷରେ ଦାଖଲ – ପ୍ରଥମ ଲିଖିତ ବିବୃତି ବାଦୀଙ୍କ ସ୍ୱତ୍ୱକୁ ପ୍ରତ୍ୟାଖ୍ୟାନ କରିଥିଲା – ଦ୍ୱିତୀୟ ଲିଖିତ ବିବୃତି ବାଦୀଙ୍କ ସ୍ୱତ୍ୱ ସ୍ଥାପନ କଲା ଏବଂ ବାଦୀଙ୍କ ଦ୍ୱାରା ସମ୍ପତ୍ତିର ଉପହାର ପାଇଁ ନିବେଦନ କରାଯାଇଥିଲା – ପରସ୍ପରର ବିନାଶକ – ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଠିକ ଭାବରେ ପ୍ରତ୍ୟାଖ୍ୟାନ – କୌଣସି ହସ୍ତକ୍ଷେପ ଆବଶ୍ୟକ ନାହିଁ ।*

ଦେୱାନୀ ଅପିଲ ଅଧିକାରିତା : ବିଶେଷ ଅନୁମତି ଆବେଦନ (ସି) ସଂଖ୍ୟା 16795/1996 ।

ସି.ଆର୍. ସଂଖ୍ୟା 1023/1996 ରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟଙ୍କ ତା 17.5.96 ରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ଉମା ଦତ୍ତ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଏହି ବିଶେଷ ଅନୁମତି ଆବେଦନ ଦେୱାନୀ ପୁନରୀକ୍ଷଣ ସଂଖ୍ୟା 1023/96 ରେ ଦିଆଯାଇଥିବା ମେ 17,1996 ରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ବିରୋଧରେ ଦାଖଲ କରାଯାଇଛି । ଉତ୍ତରଦାତା ଗୁରୁଦାସପୁର ଜିଲ୍ଲା ଏବଂ ତହସିଲର ଗ୍ରାମ ଜପୁୱାଲରେ ଏଚ୍ ବି ସଂଖ୍ୟା 349 ରେ 134 କେନାଲ 14 ମାର୍ଲାସ ପରିମାପକ ଭୂମିରେ ତାଙ୍କର ସ୍ୱତ୍ୱ ଘୋଷଣା ଏବଂ ସମ୍ପତ୍ତିର ଦଖଲ ପାଇଁ ମଧ୍ୟ ଏକ ମକଦ୍ଦମା ଦାୟର କରିଥିଲେ । ଏହା ତାଙ୍କର ମାମଲା ଯେ, ସେ ଜଣେ ଇଶର ସିଂଙ୍କ ପୋଷ୍ୟ ପୁତ୍ର ଏବଂ ଯେତେବେଳେ ସେ ସମ୍ପତ୍ତିର ଦଖଲ

ଏବଂ ଭୋଗ କରୁଥିଲେ, ଆବେଦନକାରୀ ତାଙ୍କ ସ୍ୱତ୍ୱ ଉପରେ ବିବାଦ କରିଥିଲେ ଏବଂ ଉକ୍ତ ଭୂମିରେ ଆଇନଗତ ଦାବିକୁ ନେଇ ଏକ ମକଦ୍ଦମା ଦାଖଲ କରିଥିଲେ । ଆବେଦନକାରୀ ଲିଖିତ ବିବୃତିରେ ନିବେଦନ କରିଥିଲେ ଯେ, ଇଶର ସିଂଙ୍କର ସମ୍ପତ୍ତି ଉପରେ କୌଣସି ସ୍ୱତ୍ୱ ନଥିଲା ଏବଂ ସେମାନେ ଦରବାର ସାହିବରେ ସ୍ୱତ୍ୱ ସ୍ଥାପନ କରିଥିଲେ ଏବଂ ସେ ଦରବାର ସାହିବଙ୍କ ସପକ୍ଷରେ ସମ୍ପତ୍ତି ଉପହାର ଦେଇଥିଲେ । ପରବର୍ତ୍ତୀ ସମୟରେ, ପକ୍ଷମାନେ, ଉଠାଯାଇଥିବା ପ୍ରସଙ୍ଗଗୁଡ଼ିକ ଆଧାରରେ, ପ୍ରମାଣ ଉପସ୍ଥାପନ କରିଥିଲେ । ବିଚାର ଶେଷରେ, ଆବେଦନକାରୀ ଦେୱାନୀ ପ୍ରକ୍ରିୟା ସଂହିତା, 1908 ର ନିୟମ 17, ଆଦେଶ 6, ନିୟମ 17, ଅନ୍ତର୍ଗତ ଲିଖିତ ବିବୃତିର ସଂଶୋଧନ ପାଇଁ ଏକ ଆବେଦନ ଦାଖଲ କରି ନିବେଦନ କରିଥିଲେ ଯେ, ଇଶର ସିଂ ଏହି ସମ୍ପତ୍ତିକୁ ଦରବାର ସାହିବ, ଅମୃତସର ଶିରୋମଣି ଗୁରୁଦ୍ୱାର ପ୍ରବନ୍ଧକ କମିଟିଙ୍କୁ ଉପହାର ଦେଇଥିଲେ ଏବଂ ଏହା ସମ୍ପତ୍ତିର ବସିୟତଗ୍ରାହୀ ଭାବରେ ଦଖଲରେ ଥିଲା । ସେହି ସପକ୍ଷରେ କୌଣସି ପ୍ରସଙ୍ଗ କିମ୍ବା କୌଣସି ପ୍ରମାଣ ଉପସ୍ଥାପିତ ହୋଇନଥିଲା । ତେଣୁ, ଉଚ୍ଚ ନ୍ୟାୟାଳୟ ଦୁଇଟି ଆଧାରରେ ଏହି ଆଦେଶକୁ ରଦ୍ଦ କରିଦେଇଛନ୍ତି, ଯଥା, ଗୋଟିଏ, ଯଦିଓ ଲିଖିତ ବିବୃତିରେ ଅସଙ୍ଗତ ଆଳ ଗ୍ରହଣ କରିବାକୁ ଅନୁମତିପ୍ରାପ୍ତ ଅଟେ, ଏହି ମାମଲା ଅସଙ୍ଗତିର ନୁହେଁ ବରଂ ତଥ୍ୟ କଥନଗୁଡ଼ିକ ପରସ୍ପରର ବିନାଶକ ଏବଂ ଦୁଇଟି, ବିଳମ୍ବ ପାଇଁ ଅସ୍ପଷ୍ଟୀକୃତ ।

ଉଚ୍ଚ ନ୍ୟାୟାଳୟରେ ଆବେଦନକାରୀଙ୍କ ପକ୍ଷରୁ ହାଜର ହୋଇଥିବା ବିଜ୍ଞ ଅଧିବକ୍ତା ସ୍ୱୀକାର କରିଛନ୍ତି ଯେ, ଲିଖିତ ବିବୃତିରେ ସେହି ଆଳକୁ ଗ୍ରହଣ ନକରିବା ଏବଂ ବିଳମ୍ବିତ ପର୍ଯ୍ୟାୟରେ ସଂଶୋଧନ ପାଇଁ ଏକ ଆବେଦନ ଆଣିବା ପାଇଁ କୌଣସି ସ୍ପଷ୍ଟୀକରଣ ନାହିଁ । ତଥାପି, ସେ ଯୁକ୍ତି କରିଥିଲେ ଯେ, ସେମାନେ ଲିଖିତ ବିବୃତିରେ ପରୋକ୍ଷ ଭାବରେ କହିଛନ୍ତି ଯେ, ଇଶର ସିଂ ସମ୍ପତ୍ତି ଉପହାର ଦେଇଥିଲେ କିନ୍ତୁ ସଂଶୋଧନ ମାଧ୍ୟମରେ ଆବେଦନକାରୀ ଲିଖିତ ବିବୃତିରେ ନିର୍ଦ୍ଦିଷ୍ଟ ସଂଶୋଧନ କରିବେ । ସେହି ଯୁକ୍ତିକୁ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଗ୍ରହଣ କରାଯାଇନଥିଲା ।

ଆମ ସମ୍ମୁଖରେ ସେହି ଯୁକ୍ତିକୁ ଦୋହରାଯାଇଛି । ଆବେଦନକାରୀଙ୍କ ପାଇଁ ବିଜ୍ଞ ଅଧିବକ୍ତାଙ୍କ ଯୁକ୍ତିରେ ଆମେ କୌଣସି ଦୃଢ଼ତା ପାଇନାହୁଁ ଯେ, ତଥ୍ୟ କଥନରେ ମୂଳ ଲିଖିତ ବିବୃତିରେ ଉପହାର ଖଣ୍ଡ ରହିଛି ଏବଂ ଏହି ବିଳମ୍ବିତ ପର୍ଯ୍ୟାୟରେ ଉପଯୁକ୍ତ ଦସ୍ତାବିଜଗୁଡ଼ିକ ହାସଲ କରି ଏହାକୁ ବିସ୍ତୃତ କରିବାକୁ ଅନୁରୋଧ କରାଯାଇଛି । ଏହା ସ୍ଥିରୀକୃତ ଆଇନ ଯେ, ଲିଖିତ ବିବୃତିରେ ପ୍ରତିବାଦୀ ପରସ୍ପର ମଧ୍ୟରେ ଅସଙ୍ଗତ ତଥ୍ୟ କଥନ ଉଠାଇପାରିବେ, କିନ୍ତୁ ଏହି

ପ୍ରସଙ୍ଗର ନିଷ୍ପତ୍ତି ନେବାରେ ମାମଲାଟିକୁ ସଠିକ ଭାବରେ ବିଚାର କରାଯାଇପାରିବ କି ନାହିଁ ତାହା ନ୍ୟାୟାଳୟଙ୍କ ବିଚାର ଉପରେ ନିର୍ଭର କରେ । କିନ୍ତୁ ଏହି ମାମଲାରେ ଲିଖିତ ବିବୃତିରେ ଥିବା ଆଳ ପରସ୍ପରର ବିନାଶକ ଅଟେ । ପ୍ରଥମ ଲିଖିତ ବିବୃତିରେ, ସେମାନେ ସ୍ୱୟଂ ଈଶର ସିଂଙ୍କ ସ୍ୱତ୍ୱକୁ ଅସ୍ୱୀକାର କରିଛନ୍ତି । ଯେତେବେଳେ ଏପରି ପରିସ୍ଥିତି ହୁଏ, ସେମାନେ କିପରି ତାଙ୍କ ନାମରେ ଏକ ସ୍ୱତ୍ୱ ସ୍ଥାପନ କରିପାରିବେ ଏବଂ ଆବେଦନକାରୀ-କମିଟିଙ୍କ ସପକ୍ଷରେ ଈଶର ସିଂଙ୍କ ଦ୍ୱାରା ଦିଆଯାଇଥିବା ଉପହାରକୁ ନିବେଦନ କରିପାରିବେ । ଏହି ପରିସ୍ଥିତିଗୁଡ଼ିକ ଅଧୀନରେ, ଉଚ୍ଚ ନ୍ୟାୟାଳୟ ବାଦ ପତ୍ର ମଞ୍ଜୁର କରିବାକୁ ଠିକ ଭାବରେ ପ୍ରତ୍ୟାଖ୍ୟାନ କରିଛନ୍ତି । ଅଧିକନ୍ତୁ, ପକ୍ଷମାନେ ପ୍ରମାଣ ଉପସ୍ଥାପନ କରିବା ପରେ ଏବଂ ଏହି ମାମଲାରେ ତର୍କ କରାଯିବା ପରେ ସେମାନେ ବିଳମ୍ବିତ ପର୍ଯ୍ୟାୟରେ ତାଙ୍କର ଏହି ଆଳ ସହିତ କାହିଁକି ଆଗକୁ ବଢିଥିଲେ ସେ ବିଷୟରେ କୌଣସି ସ୍ପଷ୍ଟୀକରଣ ଦିଆଯାଇନାହିଁ । ଏହି ପରିସ୍ଥିତିଗୁଡ଼ିକ ଅଧୀନରେ, ହସ୍ତକ୍ଷେପ ଆବଶ୍ୟକ କରୁଥିବା କ୍ଷେତ୍ରାଧିକାରର ପ୍ରୟୋଗରେ ଆମେ ଅଧିକାର କ୍ଷେତ୍ରରେ କୌଣସି ତ୍ରୁଟି କିମ୍ବା ତଥ୍ୟ ମୂଳକ ଅନିୟମିତତା ପାଉନାହୁଁ ।

ତଦନୁସାରେ ବିଶେଷ ଅନୁମତି ଆବେଦନ ଖାରଜ କରାଯାଇଛି ।

ଜି.ଏନ୍. ଆବେଦନକୁ ଖାରଜ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଓ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା :- ସୁଧା ସୁରମ୍ୟା ସାହୁ**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**